## ସଂକ୍ଷେପରେ

### କାଳୀ ମନ୍ଦିରରୁ ଚୋରି ଘଟଣା
### ୩ ଗିରଫ, ୨୭ଶହ ଟଙ୍କା ଜବତ

ରାୟଗଡା ଅଫିସ,୩୧।୫: ରାୟଗଡା କାଳୀମନ୍ଦିରରୁ ଗତ ୨୧ ତାରିଖରେ ହୁଣ୍ଡୀ ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ଚୋରି କରି ନେଇଥିଲେ। ଘଟଣାରେ ପୋଲିସ ବୁଧବାର ୨୭୦୦ ଟଙ୍କା ଜବତ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜେକେପୁର ରେଲି ସାହିର ବିଟକା ଶ୍ରୀନୁ, ଗଞ୍ଜାମର ଆନନ୍ଦ କୁମାର ମୁଦୁଲି, ବିଜୟନଗରର ପେଣ୍ଟା କ୍ରିଷ୍ଣା। ସୂଚନା ପ୍ରକାରେ ଏମାନେ ସଂଘବଦ୍ଧ ଭାବେ ଚୋରି କରିଥିବା ନେଇ ରାୟଗଡା ଟାଉନ ଥାନାରେ ପ୍ରେସ୍ ମିଟକରି ସୂଚନା ଦିଆଯାଇଛି । ପ୍ରେସ ମିଟ୍‌ରେ ଏସଡ଼ିପିଓ ଦିବ୍ୟଜ୍ୟୋତି ଦାସ, ଆଇଆଇସି ବିମଲ କମଲ କାନ୍ତ କହଁର ଓ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ହୁଣ୍ଡିରେ ଥିବା ସୁନା, ରୁପା ବିଷୟରେ କିଛି ଜଣାପଡି ନ ଥିବା ପୋଲିସ କହିଛି। ଏମାନଙ୍କ ପାଖରୁ ୨ ଟି ଛୁରି ଗୋଟିଏ ଲୁହାରାଡ୍ ଜବତ କରିଛି।

### ୪୦୬ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ପଦ୍ମପୁର,୩୧।୫(ଡି.ଏନ.ଏ.)-ରାୟଗଡ଼ା ଜିଲା ପଦ୍ମପୁର ୧୩୨ ନମ୍ବର ଜାତୀୟ ରାଜପଥ ବଲ୍ଲଭପୁର ଛକ ନିକଟରୁ ପଦ୍ମପୁର ପୋଲିସ ଗୋଟିଏ ଗାଡ଼ିରୁ ୧୨ବସ୍ତା ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚାଲାଣ ଅଭିଯୋଗରେ ବାପୁନି ଗୌଡଙ୍କୁ ଗିରଫ କରିଛି। ପଦ୍ମପୁର ଥାନାରେ ନଂ. ୮୭/୨୩ ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗଞ୍ଜେଇର ଆନୁମାନିକ ମୂଲ୍ୟ ୧,୬୨,୪,୦୦ହେବ ବୋଲି ପୋଲିସ ସୂଚନା ଦେଇଛି।

### ଠାକୁରାଣୀ ଯାତ୍ରା ଉଦ୍‌ଯାପିତ ୯ ଦିନ ପରେ ମା' ସାଆନ୍ତାଣୀ ମନ୍ଦିରକୁ ଗଲେ

ପଦ୍ମପୁର,୩୧।୫(ଡି.ଏନ.ଏ.): ପଦ୍ମପୁରଠାରେ ଚାଲିଥିବା ଠାକୁରାଣୀ ଯାତ୍ରା ଉଦ୍‌ଯାପନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଉଛି। ଗତ ୨୩ ତାରିଖଠାରୁ ୯ ଦିନ ଧରି ଚାଲିଥିଲା। ପୂର୍ବାହ୍ନ ୧୦ଟାରେ ଠାକୁରାଣୀଙ୍କ ଭଣ୍ଡାର ହାଣ୍ଡି ଓ ପାଟ ହାଣ୍ଡିକୁ ଶହଶହ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ନିଆଯାଇଥିଲା। ଗ୍ରାମର ମାନସିକ ଧାରୀମାନେ ନିଜ ନିଜ ଘରୁ ଲିଆପଣା ଓ ହଳଦୀ ପାଣି ହାଣ୍ଡି ଧରି ଠାକୁରାଣୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ଯାତ୍ରାରେ ଗ୍ରାମର କଳାକାରଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ନାଟିକା ପ୍ରଦର୍ଶନ ହୋଇଥିଲା।

### ମିଶନ ଶକ୍ତି ଋଣମେଳା



ଟିକିର, ୩୧।୫(ଡି.ଏନ.ଏ.)-ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିସ୍ଥିତ ପଞ୍ଚାୟତରେ ବୁଧବାର ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଟିକିରି ଶାଖା ତରଫରୁ ମିଶନ ଶକ୍ତି ଋଣମେଳା ଆୟୋଜନ କରାଯାଇଥିଲା। ଏଥିରେ ୨୨ ସ୍ୱୟଂ ସହାୟକ ଗୋଷ୍ଠୀକୁ ୪୪ ଲକ୍ଷ ୪୦ ହଜାର ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ମିଶନଶକ୍ତି ଋଣ ମେଳାକୁ କାଶୀପୁର ବିଡିଓ ମନୀଷା ଦାଶ ଉଦ୍‌ଘାଟନ କରିଥିଲେ। ଅତିଥି ଭାବରେ ଟିକିରି ସରପଞ୍ଚ ଜଗବନ୍ଧୁ ମାଝି, ଦୀପୁନ କୁମାର ଲେଙ୍କା, ଫିଲ୍‌ଡ ଅଫିସର ୟୁଜିବି ଟିକିରି, କିଶୋର କରକରିଆ, ବିପିମ୍ ଓଡ଼ିଶା ଜୀବିକା ମିଶନ, କାଶୀପୁର ଗରିଆଲ ଶବର, ବିପିସି ମିଶନ ଶକ୍ତି, କାଶୀପୁର ଏବଂ ଏମ୍‌ବିକେ, ସିଆରପି-ସିଏମ୍ ଓ ବାଙ୍କ ମିତ୍ର ଉପସ୍ଥିତ ରହି ସଫଳ କରିଥିଲେ।

### ମାଣିକେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁଭାରମ୍ଭ

ଚନ୍ଦ୍ରପୁର,୩୧।୫(ସ୍ୱ.ପ୍ର.)-ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା ସଦର ମହକୁମାସ୍ଥିତ ମାଣିକେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବର ୩ ଦିନିଆ କାର୍ଯ୍ୟକ୍ରମ ବୁଧବାରଠାରୁ ଶୁଭାରମ୍ଭ ହୋଇଯାଇଛି । ଏଥିରେ ପ୍ରଥମ ଦିନରେ ପଣ୍ଡିତ ରାମଚନ୍ଦ୍ର ରଥ, ଗିରିଜା ପ୍ରସାଦ ମିଶ୍ର, ସୁରେଶ କୁମାର ରଥ ଓ ଦୈତାରି ବ୍ରହ୍ମାଙ୍କ ଦ୍ୱାରା ମନ୍ଦିର ପରିସରରେ ଅଙ୍କୁରାରୋପଣ କାର୍ଯ୍ୟକ୍ରମ କରାଯାଇଥିବା ନେଇ ମନ୍ଦିର କମିଟି ସଦସ୍ୟ କବିରାଜ ପାତ୍ର ସୂଚନା ଦେଇଛନ୍ତି । ସେହିଭଳି ଗୁରୁବାର କଳସଯାତ୍ରା ସହ ହୋମଯଜ୍ଞ କାର୍ଯ୍ୟକ୍ରମ କରାଯିବା ନେଇ ପଣ୍ଡିତ ରଥ ସୂଚନା ଦେଇଛନ୍ତି । ଆସନ୍ତା ୨ଦିନ ଶ୍ରଦ୍ଧାଳୁମାନଙ୍କ ମନୋରଞ୍ଜନ ପାଇଁ ନୟାଗଡ଼ରୁ ଆସିଥିବା ବିଭିନ୍ନ ନାଟ୍ୟକାର ନାଟକ ପରିବେଷଣ କରିବେ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି ।

# ବିଜ୍ଞାନରେ ୭୨.୩୭%, ବାଣିଜ୍ୟରେ ୬୭ ପ୍ରତିଶତ

ରାୟଗଡା ଅଫିସ,୩୧।୫

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଯୁକ୍ତ ୨ ବାଣିଜ୍ୟ ଏବଂ ବିଜ୍ଞାନ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି।

ରାୟଗଡା ଜିଲାରେ +୨ ବିଜ୍ଞାନରେ ୧୮୮୧ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିଲେ। ସେଥିରୁ ୧୮୫୭ ପରୀକ୍ଷା ଦେଇଥିଲେ । ୧୩୪୪ ଜଣ କୃତକାର୍ଯ୍ୟ ହୋଇଛନ୍ତି । ପାସ୍ ହାର ରହିଛି ୭୨.୩୭ ପ୍ରତିଶତ । ଏମାନଙ୍କ ମଧ୍ୟରୁ ୬୧୯ ଜଣ ପ୍ରଥମ, ୪୫୮ ଦ୍ୱିତୀୟ ଓ ୨୬୦ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୭ ଜଣ କମ୍ପାଟମେଣ୍ଟରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ୧୩ ଜଣ ପରୀକ୍ଷାର୍ଥୀ +୨ ବିଜ୍ଞାନ ପରୀକ୍ଷାରେ କପିକରି ଧରା ପଡିଛନ୍ତି ।

ସେହିପରି +୨ ବାଣିଜ୍ୟରେ ୬୮୩ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିଲେ। ସେଥିରୁ ୬୭୨ ଜଣ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୪୫୫ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାସ୍ ହାର ରହିଛି ୬୭ ପ୍ରତିଶତ । ୧୨୮ ଜଣ ପ୍ରଥମ, ୯୪ ଜଣ ଦ୍ୱିତୀୟ, ୨୨୨ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି । ୧୧ ଜଣ କମ୍ପାର୍ଟମେଣ୍ଟାଲରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୨ ଜଣ କପି କରି ଧରାପଡିଛନ୍ତି ।

ରାୟଗଡାରେ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ମହିଳା ମହାବିଦ୍ୟାଳୟ ରହିଛି। ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ବିଜ୍ଞାନରେ ୩୩୨ ଜଣ ପରୀକ୍ଷା ଦେଇଥିବା ବେଳେ ୧୭୦ ପାସ କରିଛନ୍ତି। ବାଣିଜ୍ୟରେ ୩୩୫ ପରୀକ୍ଷା ଦେଇଥିବା ବେଳେ ୨୭୫ ପାସ ହୋଇଛନ୍ତି । ବିଜ୍ଞାନରେ ୫୦୯ ନମ୍ବର ଅର୍ଥାତ୍ ୮୦.୮୩ ପ୍ରତିଶତ ମାର୍କ ରଖି ସୁନନ୍ଦନ ନାୟକ କଲେଜରେ ଟପର ହୋଇଛନ୍ତି। ସେହିପରି ବାଣିଜ୍ୟରେ କଞ୍ଚଡ ଭବ୍ୟଲତା ୯୧ ପ୍ରତିଶତ ସହ ୫୪୬ ମାର୍କ ରଖି କଲେଜରେ ଟପର ହୋଇଛନ୍ତି। ସେହିପରି ରାୟଗଡା ମହିଳା ମହାବିଦ୍ୟାଳୟରେ ବିଜ୍ଞାନରେ ୧୪୭ ଛାତ୍ରୀ ପରୀକ୍ଷା ଦେଇଥିଲେ । ସେଥିରୁ ୨୬ ପାସ କରିଥିବା ଅଧ୍ୟକ୍ଷା ଡ଼. ଅର୍ଚ୍ଚନା ପଟ୍ଟନାୟକ କହିଛନ୍ତି ।

ତ୍ରିବେଣୀ କଲେଜ ଛାତ୍ରଛାତ୍ରୀ ଜିଲା ଟପ୍ପର +୨ ବିଜ୍ଞାନରେ ପଦ୍ମପୁର ତ୍ରିବେଣୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ବାଜିମାତ କରିଛନ୍ତି। ଛାତ୍ର ପରମାନନ୍ଦ ରାଉତ ୯୧ %ରଖି ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପ୍ରିୟଦର୍ଶନୀ ମିଶ୍ର ୯୦% ମାର୍କ ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ୮୨ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬୬ ଜଣ ପ୍ରଥମ ସ୍ଥାନ, ୧୫ ଜଣ ଦ୍ୱିତୀୟ ସ୍ଥାନ ଓ ଜଣେ ତୃତୀୟ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅଧକ୍ଷ ଗୌରୀ ଦାଶ ଏଥିପାଇଁ ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବିଜ୍ଞାନରେ ସୁବୁଦ୍ଧି ନିତିଶ, ବାଣିଜ୍ୟରେ ଅରୁନ୍ଧତୀ ଟପ୍ପର





ଗୁଣପୁର,୩୧।୫(ଡି.ଏନ.ଏ.)

ଯୁକ୍ତ ୨ ବିଜ୍ଞାନ ଏବଂ ବାଣିଜ୍ୟ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ଗୁଣପୁର ଯୁକ୍ତ ୨ ବଂଶଧାରା କଲେଜର ଛାତ୍ର ସୁବୁଦ୍ଧି ନିତିଶ କୁମାର(୫୨୫)ମାର୍କ ରଖି ବିଜ୍ଞାନରେ ଟପ୍ପର ହୋଇଛନ୍ତି। ବାଣିଜ୍ୟରେ ମହର୍ଷି ଗୁରୁକୁଳ କଲେଜର ଅରୁନ୍ଧତୀ ନାୟକ(୪୮୯) ଟପ୍ପର ହୋଇଛନ୍ତି। ସେହିଭଳି ମହର୍ଷି ଗୁରୁକୁଳ ଯୁକ୍ତ ୨ କଲେଜର ଛାତ୍ର ରୁପାଲି ବ୍ରହ୍ମା(୫୨୩), ଚନ୍ଦନ କୁମାର ସାହୁକାର(୫୧୯) ଦ୍ୱିତୀୟ ଏବଂ ତୃତୀୟରେ ରହିଛନ୍ତି। ଗୁଣପୁର କଲେଜର ପରୀକ୍ଷା ଫଳ ନୈରାଶ୍ୟ ଜନକ ରହିଛି। ୧୧୩ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫ ଜଣ ପ୍ରଥମ ହୋଇଥିବା ବେଳେ ୧୭ ଜଣ ଦ୍ୱିତୀୟ ଏବଂ ୨୫ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ବଂଶଧାରା ଯୁକ୍ତ ୨ କଲେଜର ଶତ ପ୍ରତିଶତ ଫଳ ହୋଇଛି। ୮୨ ଜଣଙ୍କ ମଧ୍ୟରୁ ୭୨ ଜଣ ପ୍ରଥମ ହୋଇଥିବା ବେଳେ ୮ ଜଣ ଦ୍ୱିତୀୟ ଏବଂ ୨ ଜଣ ତୃତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ମହର୍ଷି ଗୁରୁକୁଳ କଲେଜର ମଧ ଶତ ପ୍ରତିଶତ ଫଳ ହୋଇଥିବା ବେଳେ ୧୭୮ ଜଣ ପ୍ରଥମ, ୩୮ ଜଣ ଦ୍ୱିତୀୟ ଏବଂ ୪ ଜଣ ୩ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗାୟତ୍ରୀ କଲେଜର ୪୨ ଜଣଙ୍କ ମଧ୍ୟରୁ ୨୪ ଜଣ ପ୍ରଥମ ହୋଇଥିବା ବେଳେ ୧୫ ଜଣ ଦ୍ୱିତୀୟ ଏବଂ ୩ ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ଶାନ୍ତି ନିକେତନ କଲେଜର ୭୫ ଜଣଙ୍କ ମଧ୍ୟରୁ ୫୧ ଜଣ ପ୍ରଥମ ହୋଇଥିବା ବେଳେ ୧୮ ଜଣ ଦ୍ୱିତୀୟ ଏବଂ ୫ ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

## କେନ୍ଦୁପତ୍ର ତୋଳାଳୀଙ୍କ ସମାବେଶ



ମାଲକାନଗିରି, ୩୧।୫(ଡି.ଏନ.ଏ.)- ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଆହ୍ୱାନ କ୍ରମେ ବୁଧବାର ରାଜ୍ୟ ସମ୍ପାଦକ ମହମ୍ମଦ ମୂର୍ତ୍ତୁଜାଙ୍କ ନେତୃତ୍ୱରେ ଜୟପୁର ଡିଭିଜନ ପକ୍ଷରୁ କେନ୍ଦୁପତ୍ର ତୋଳଳିଙ୍କ ବିଶାଳ ଶୋଭାଯାତ୍ରା ମାଲମାନଗିରି ସହର ପରିକ୍ରମାକରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଥିଲା। ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ହାଟପଦାଠାରୁ ହଜାର ହଜାର କର୍ମଚାରୀ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟରେ ନିକଟରେ ପହଞ୍ଚି ଏକ ପ୍ରତିବାଦ ସଭା କରିଥିଲେ। ରାଜ୍ୟ ସମ୍ପାଦକ ମହମ୍ମଦ ମୂର୍ତ୍ତିଜା ଏହି ସଭାରେ ବିଭିନ୍ନ ଦାବୀ ଉପସ୍ଥାପନା କରିବା ସହ କେନ୍ଦୁପତ୍ର ତୋଳାଳୀ, ସିଜିନାଲ କର୍ମଚାରୀ ଏବଂ ବନ୍ଧେଇ ଶ୍ରମିକମାନେ ୨୦୧୪-୧୫ ରେ ତଥା ପ୍ରୋତ୍ସାହନ ଏବଂ ସାମାଜିକ ନିରାପତ୍ତାମୂଳକ ବିଭିନ୍ନ ସହାୟତା ୨୦୨୨ ପର୍ଯ୍ୟନ୍ତ ପାଇ ଆସୁଛନ୍ତି।

୨୦୨୨ରେ କେନ୍ଦୁପତ୍ର ସଂସ୍ଥାର ଲାଭାଂଶ ବଣ୍ଟନ ବେଳେ ବୋନସ ଦିଆଯାଇ ନାହିଁ। ଫଳରେ କେନ୍ଦୁପତ୍ର ତୋଳାଳୀ, ସିଜିନାଲ୍ କର୍ମଚାରୀ, ବନ୍ଧେଇ ଶ୍ରମିକମାନେ କ୍ଷତିଗ୍ରସ୍ତ ହେବାକୁ ଯାଉଛନ୍ତି। ଆର୍ଥିକ ସହାୟତା ନାମରେ ଦିଆଯାଇଥିବା ୧୦୦୦ ଟଙ୍କା ଏବଂ ୧୫୦୦ ଟଙ୍କା ସରକାର ଦେଲେ ସଂଘ ତାକୁ ସ୍ୱାଗତ କରିବ। କିନ୍ତୁ ବୋନସ ନ ଦେଇ କେନ୍ଦୁପତ୍ରର ଲାଭାଂଶରୁ ଆର୍ଥିକ ସହାୟତା ଦେବା ଯୋଗୁ ଲକ୍ଷ ଲକ୍ଷ ତୋଳାଳୀ ଏବଂ କର୍ମଚାରୀ କ୍ଷତିଗ୍ରସ୍ତ ହେଉଛନ୍ତି। ଏହା ସହିତ କନ୍ୟା ବିଭା ପାଇଁ ୫୦ହଜାର ଟଙ୍କା ସାମାଜିକ ନିରାପତ୍ତା ସହାୟତା, ଦୀର୍ଘ ୫ ବର୍ଷ ହେଲା ସିଜିନାଲ କର୍ମଚାରୀଙ୍କ ମାସିକ ମଜୁରି ବୃଦ୍ଧି କରା ନ ଯିବା ଯୋଗୁ ହଜାର ହଜାର କର୍ମଚାରୀ ଆର୍ଥିକ ସଙ୍କଟରେ ଗତି କରୁଛନ୍ତି। ଏଣୁ ଅତିଶିଘ୍ର ସର୍ବନିମ୍ନ ମଜୁରି ଘୋଷଣା ପାଇଁ ଦାବୀ କରାଯାଇଛି। ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଛାତ୍ରବୃତ୍ତି ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧାପନ୍ତରିଆ ଭାବେ ଅଛି। ଏହାକୁ ଅତିଶୀଘ୍ର ଚୂଡାନ୍ତ କରିବା ପାଇଁ ମଧ୍ୟ ଦାବୀ ହୋଇଛି। ଥରେ ବୋନସ୍ ଦେବା ବନ୍ଦ ହୋଇଗଲେ ଭବିଷ୍ୟତ ପାଇଁ ରହିବ ନାହିଁ। ଯାହାକି ଶ୍ରମିକଙ୍କ ହକ୍ ଓ ଅଧିକାର। ଆମେ ଦୟାର ପାତ୍ର ନ ହୋଇ ପୂର୍ବ ଅଧିକାରକୁ ସାବ୍ୟସ୍ତ କରିବା, କେନ୍ଦୁପତ୍ର ବୋର୍ଡର ମତାମତ ନ ନେଇ ଏକଚାଟିଆ ଭାବେ ନିଆଯାଉଥିବା ବିଭିନ୍ନ ନିଷ୍ପତ୍ତି ଓ ଘୋଷଣା ଶ୍ରମିକମାନଙ୍କ ହିତ ବିରୋଧରେ ଯାଉଥିବା ଯୋଗୁ ଏହାକୁ ବିରୋଧ କରିବା ସହ ତୁରନ୍ତ କେନ୍ଦୁପତ୍ର ବୋର୍ଡ ବୈଠକ ପାଇଁ ଦାବୀ କରାଯାଇ ଜୟପୁର ଡିଭିଜନକୁ ଫାଇଲ ପ୍ରୋସେସ କରାଯାଉ ବୋଲି ମୂର୍ତ୍ତୁଜା ପ୍ରକାଶ କରିଥିଲେ।

ଏଥିରେ ହଜାର ହଜାର ସଂଖ୍ୟାରେ ତୋଳାଳୀ, କର୍ମଚାରୀ ଓ ବନ୍ଧେଇ ଶ୍ରମିକ ଉପସ୍ଥିତ ରହିବା ସହ ସମାଜିକକର୍ମୀ ଶରତ ଚନ୍ଦ୍ର ବୁରୁଦା, ବିଜୟ ପଟ୍ଟନାୟକ, ଜୟଦେବ ଅଜମେରୀ, ଭବତୋଷ ମଣ୍ଡଳ, ସୁନିଲ ମଣ୍ଡଳ, ଅବିନାଶ ହାଲଦର୍, ପଦ୍ମା ଗାଛି, ମିନତି ପଟ୍ଟନାୟକ, ଭଗବତୀ ଗଡ଼ନାୟକ, ତୁଳସୀ ଧୁରୁଆ, ଦେବି ମାଡକାନି, ଅରୁଣା ପଟ୍ଟନାୟକ ଓ ଧମନୀ ପାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ ।

## ୬ ଏଫପିଓଙ୍କୁ ତାଲିମ

ରାୟଗଡ଼ା,୩୧।୫(ସ୍ୱ.ପ୍ର.)

ରାୟଗଡା ଜଳ ବିଭାଜିକା ବିଭାଗ କନ୍‌ଫରେନ୍ସ ହଲରେ ମଙ୍ଗଳବାର ଜିଲାର ୬ଟି ଫାର୍ମ ପ୍ରଡ୍ୟୁସଂ କମ୍ପାନୀ ଡ଼ାଇରେକ୍ଟରଙ୍କ ଦିନିକିଆ ତାଲିମ ଦିଆଯାଇଥିଲା। ବାୟର ଫାଉଣ୍ଡେଶନ ସହାୟତାରେ ସିଟ୍ରାନ କନ୍‌ସଲଟନ୍ସି ଦ୍ୱାରା ଅନୁଷ୍ଠିତ ଏହି ଶିବିରରେ ଜଳ ବିଭାଜିକା ବିଭାଗ ଅତିରିକ୍ତ ପ୍ରୋଜେକ୍ଟ ଡ଼ାଇରେକ୍ଟର, ଆଇଟିଡିଏ ପ୍ରୋଜେକ୍ଟ ମ୍ୟାନେଜର ବିଦ୍ୟୁତ୍ ପାତ୍ର, ସିଟ୍ରାନ ପ୍ରବନ୍ଧକ ତୁଷାର ଦାସ ପ୍ରମୁଖ ଉପସ୍ଥିତ ରହି ଏଫପିଓ ଡ଼ାଇରେକ୍ଟରମାନଙ୍କୁ କମ୍ପାନୀର ଅଗ୍ରଗତି କିପରି ହୋଇପାରିବ ସେ ସମ୍ପର୍କରେ କହିଥିଲେ। ବିଦ୍ୟୁତ ପାତ୍ର ଏଫପିଓମାନଙ୍କ ସହାୟତାରେ କାର୍ଯ୍ୟ କିପରି ତ୍ୱରାନ୍ୱିତ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ସିଟ୍ରାନର ପ୍ରବନ୍ଧକ ତୁଷାର ଏଫପିଓର କାର୍ଯ୍ୟ ଓ ଆଭିମୁଖ୍ୟ ବିଷୟରେ ଆଲୋଚନା କରିଥିଲେ। ପ୍ରୋଜେକ୍ଟ ସଂଯୋଜକ ବିଶ୍ୱରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ତାଲିମ ଶିବିରରେ ୬ଟି ଏଫପିଓର ୨୫ ଡ଼ାଇରେକ୍ଟର ଉପସ୍ଥିତ ରହି ତାଲିମ ନେଇଥିଲେ। ଏଫପିଓ କିପରି ପରିଚାଳନା କରାଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ।

## କାଳ ବୈଶାଖୀରେ ଗଛ ପଡି ରାସ୍ତା ଅବରୋଧ

ଚନ୍ଦ୍ରପୁର,୩୧।୫(ଡି. ଏନ. ଏ.)

ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା ବନ୍ଦିଲି ଗ୍ରାମ ନିକଟରେ ବୁଧବାର ସନ୍ଧ୍ୟାରେ କାଳ ବୈଶାଖୀ ଯୋଗୁ ପବନ ବର୍ଷା ହେବାରୁ ଗଛ ପଡ଼ି ରାସ୍ତା ଅବରୋଧ ହୋଇଛି। ରିପୋର୍ଟ ଲେଖା ହେବା ସୁଦ୍ଧା ଚନ୍ଦ୍ରପୁରଠାରୁ ମୁନିଗୁଡା ଯାଉଥିବା ୩୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଯାନ, ବସ୍ ଓ ବାଇକ୍ ଦୀର୍ଘ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅଟକି ରହିଥିଲା।

## ସ୍ୱତନ୍ତ୍ର ଭୋଟର ତାଲିକା ପ୍ରସ୍ତୁତି ବୈଠକ



ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଗୁଣପୁର, ୩୧।୫(ଡି. ଏନ. ଏ.)

ରାୟଗଡା ଜିଲା ଗୁଣପୁର ଉପ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ସ୍ୱତନ୍ତ୍ର ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଏକ ତାଲିମ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଉପ ଜିଲାପାଳ ଲଳିତ କୁମାର କହଁର ଅଧ୍ୟକ୍ଷତା କରିଥିବା ବେଳେ ସହକାରୀ ଜିଲାପାଳ ସୁଜାତା ପାଢ଼ୀ ମଞ୍ଚାସୀନ ଥିଲେ । ନୂତନ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଚଳିତ ବର୍ଷ ନିର୍ବାଚନ କମିଶନ ଗରୁଡ଼ ନାମକ ଆପ ପରିବର୍ତ୍ତେ ୨.୦ ଆପ୍ ବ୍ୟବହାର କରି ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ନେଇ ସୂଚନା ଦେଇଥିଲେ । ଓଡ଼ିଶାରେ ପ୍ରଥମ ଥର ପାଇଁ ୨.୦ ଆପ୍ ପ୍ରଚଳିତ ହୋଇଥିବା ବେଳେ ଜଣେ ଭୋଟର ଏହି ଆପ୍ ନିଜ ମୋବାଇଲରେ ଡାଉନଲୋଡ କରି ନିଜର ନାମ ଯୋଗ, ବାଦ, ସଂଶୋଧନ, ଠିକଣା ପରିବର୍ତ୍ତନ କରି ପାରିବେ। ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ପାଇଁ ସମସ୍ତ ବିଡିଓ, ପଞ୍ଚାୟତ ଉନ୍ନୟନ ଅଧିକାରୀ, ବ୍ଲକ ଟେକ୍‌ନିକାଲ ଆସିଷ୍ଟାଣ୍ଟଙ୍କୁ ଉପ ଜିଲାପାଳ ପରାମର୍ଶ ଦେଇଥିଲେ । ଗୁଣପୁର ଓ ବିଷମ କଟକ ନିର୍ବାଚନ ମଣ୍ଡଳୀର ସମସ୍ତ ବିଡିଓ, ଜିପିଇଓ, ଟେକ୍‌ନିକାଲ କର୍ମୀ, ଗୁଣପୁର ପୌର ସଂସ୍ଥା ନିର୍ବାହୀ ଅଧିକାରୀ, ଗୁଡାରି ଏନ୍ଏସି ନିର୍ବାହୀ ଅଧିକାରୀ ନିର୍ବାଚନ ଦାୟିତ୍ୱରେ ଥିବା କର୍ମଚାରୀ ଉପସ୍ଥିତ ଥିଲେ। ନିର୍ବାଚକ ଉପ ବିଭାଗର ବରିଷ୍ଠ ରାଜସ୍ୱ ସହାୟକ ସୁଶାନ୍ତ କୁମାର ଦାସ ଓ କନିଷ୍ଠ ରାଜସ୍ୱ ସହାୟକ ପ୍ରସନ୍ନ କୁମାର ପଣ୍ଡା ପ୍ରୋଜେକ୍ଟର ମାଧ୍ୟମରେ ସମସ୍ତ ବିଷୟ ଉପରେ ବୁଝାଇ ଥିଲେ।

# ମନ୍ଦିର ପ୍ରତିଷ୍ଠା, କ୍ରିକେଟ୍ ଟୁର୍ନାମେଣ୍ଟରେ ଯୋଗଦେଲେ ପୂର୍ବତନ ରାଜ୍ୟ ସଭା ସଦସ୍ୟ

ରାୟଗଡ଼ା ଅଫିସ/କୋଲନରା,୩୧।୫

ରାୟଗଡ଼ା ଜିଲା କୋଲନରା ଓ କଲ୍ୟାଣସିଂହପୁର ବ୍ଲକରେ ସୋମବାର ହୋଇଥିବା ମନ୍ଦିର ପ୍ରତିଷ୍ଠା, ଠାକୁରାଣୀ ଘଣ୍ଟ ପର୍ବ ଓ କ୍ରିକେଟ୍ ଟୁର୍ନାମେଣ୍ଟ ଭଳି କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କରରାଓ ଯୋଗଦେଇଥିଲେ। ସେ ଲୋକଙ୍କୁ ଉତ୍ସାହିତ କରିଥିବା ବେଳେ ତାଙ୍କୁ ଅଞ୍ଚଳବାସୀ ପାରମ୍ପରିକ ବାଦ୍ୟ, ନୃତ୍ୟ ଓ ସଂଗୀତର ତାଳେ ତାଳେ ପାଛୋଟି ନେଇଥିଲେ। ମଙ୍ଗଳବାର ପୂର୍ବାହ୍ନରେ କୋଲନରା ବ୍ଲକ ଭୁଜବଳ ଗ୍ରାମରେ ହୋଇଥିବା ଠାକୁରାଣୀ ପର୍ବ, ମୁନିସିଂରେ ଶ୍ରୀ ଶ୍ରୀ ମା ବୁରୁଦଲାମ୍ବା ୟୁଥ୍ କ୍ରିକେଟ୍ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚରେ ଯୋଗଦେଇଥିଲେ। କ୍ରିକେଟ୍ ଟୁର୍ନାମେଣ୍ଟରେ ବିଜୟୀ ଦଳକୁ ୧୫ହଜାର ଟଙ୍କା ପୁରସ୍କାର ସହ ଟ୍ରଫି ଏବଂ ରନର୍ସ ଅପ୍ ଦଳକୁ ୧୦ହଜାର ଟଙ୍କା ସହ ଟ୍ରଫି ଦିଆଯାଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପରେ ସେଠାରୁ ରାଓ ଖେଦାପଡ଼ାରେ ହେଉଥିବା ଠାକୁରାଣୀ ପର୍ବରେ ଯୋଗଦେଇ ଗ୍ରାମବାସୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ମଧ୍ୟାହ୍ନରେ କଲ୍ୟାଣସିଂହପୁର ବ୍ଲକର ଜଗନ୍ନାଥପୁରଠାରେ ଶ୍ରୀ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଅପରାହ୍ନରେ ରାଓ ନାରାୟଣପୁରଠାରେ ଥିବା ଶିବମନ୍ଦିର ପ୍ରତିଷ୍ଠା, ଶିକରପାଇ ଠାକୁରାଣୀ ପର୍ବରେ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ଶିକରପାଇଠାରେ ଥିବା ଠାକୁରାଣୀ ମନ୍ଦିରର ଉନ୍ନତି ପାଇଁ ସହାୟତା କରିବେ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେଠାରୁ ସେ କୋଲନରା ବ୍ଲକ ରେବତୀଗୁଡ଼ାରେ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇ ରାୟଗଡ଼ା ଫେରି ଆସିଥିଲେ। କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ନେତା ଚନ୍ଦ୍ରକାନ୍ତ ସାମଲ,ବି.ତିରୁପତିଙ୍କ ସମେତ ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ।

# ବିଜେଡି ବିଗୁଲ ବଜାଇଲେ ଭାସ୍କର ରାଓ

ରାୟଗଡ଼ା,୩୧।୫(ସ୍ୱ.ପ୍ର.)

- ରାୟଗଡ଼ା ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ
- ଭୋଟରଙ୍କ ପାଖକୁ ଯାଇ ସମସ୍ୟା ସମାଧାନ କର



ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀରେ ଏନ୍.ଭାସ୍କର ରାଓ, ଲାଲବିହାରୀ ହିମିରିକା, ଗଙ୍ଗା ପୁଆଲା ଓ ବ୍ଲକ ଉପାଧ୍ୟକ୍ଷ ହର ହେପୃକା ।

ପୌରାଞ୍ଚଳ କର୍ମୀ ସମ୍ମିଳନୀ ପରେ ବୁଧବାର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ କରି ରାଜନୀତିର ଗୁରୁମନ୍ତ୍ର ଦେଇଛନ୍ତି ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓ । କେବଳ ଭୋଟ ପାଇଁ ଭୋଟରଙ୍କ ପାଖକୁ ଯାଆନ୍ତୁ ନାହିଁ । ବରଂ ଭୋଟରଙ୍କ ସମସ୍ୟା ତୃଣମୂଳସ୍ତରରୁ ସମାଧାନ କରିବାକୁ ଦଳୀୟ ନେତା ଓ କର୍ମୀମାନଙ୍କୁ କହିଛନ୍ତି । ଏହି କର୍ମୀ ସମ୍ମିଳନୀରେ ଭାସ୍କରଙ୍କ ସମେତ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ରାୟଗଡ଼ା ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପୃକା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ଜିଲା ପରିଷଦ ସଭ୍ୟା ସନ୍ଧ୍ୟା ପୁଲାକା, ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ କୁଲେସିକା ପ୍ରମୁଖ ଉପସ୍ଥିତ ରହି ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିଥିଲେ ।

ଏଥିରେ ପଞ୍ଚାୟତସ୍ତରରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନାର ସ୍ଥିତି, ଜନସାଧାରଣଙ୍କ ସମସ୍ୟା ଓ ଏହାର ସମାଧାନ ଉପରେ ଦୃଷ୍ଟିଦେବାକୁ ନେତା ଓ କର୍ମୀଙ୍କୁ ଦଳୀୟ କର୍ମୀମାନେ କହିଛନ୍ତି । ଏହି କର୍ମୀ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି ନେତା ଚନ୍ଦ୍ରକାନ୍ତ ସାମଲ, ବିନାୟକ କର, ଆନନ୍ଦ ସାରକା, ଏମ୍.ଗଙ୍ଗାଧର, ଯୁବନେତା ସରପଞ୍ଚ ଲକ୍ଷ୍ମୀ ଜାମ୍ବକା, ତାମାରାଓ ବିଡ଼ିକା, ନୀଳାମ୍ବର ବିଡ଼ିକା, ମୋହନ ହେପୃକା, ଭୀମ ହିମିରିକା, ଯୁବନେତା ଅବିନାଶ ବିଶୋଇ, ଶ୍ରୀକାନ୍ତ ଚୌଧୁରୀ, ତପନ ପେଦେଣ୍ଟି, ହୃଷୀକେଶ କୁଲଦୀପ ଓ ସନ୍ତୁ ମାଣ୍ଡାଙ୍ଗି ପ୍ରମୁଖଙ୍କ ସମେତ ୨୮ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ଶତାଧିକ କର୍ମୀ ଉପସ୍ଥିତ ଥିଲେ । ଦଳକୁ ତୃଣମୂଳସ୍ତରରୁ ଅଧିକ ସୁଦୃଢ କରିବା ପାଇଁ ରାୟଗଡ଼ା ନିର୍ବାଚନ ମଣ୍ଡଳୀରୁ ଆରମ୍ଭ କରିଛନ୍ତି ସଚେତନତା । କର୍ମୀଙ୍କୁ ଡାକି ସମ୍ମିଳନୀ ମାଧ୍ୟମରେ ଲୋକଙ୍କ ନିକଟରେ ପହଞ୍ଚିବାକୁ ଦେଇଛନ୍ତି ନିର୍ଦ୍ଦେଶ । ଭୋଟରଙ୍କ ନିକଟକୁ ଯାଇ ସେମାନଙ୍କ ସମସ୍ୟା ସମାଧାନ କରି ନିକଟତର ହେବାକୁ ଭାସ୍କର କହିଛନ୍ତି । ୫୦ ବର୍ଷର ରାଜନୀତିରେ ଜିଲାରେ ଜନସାଧାରଣଙ୍କ ସେବା ଓ ସମସ୍ୟା ସମାଧାନ କରି ଲୋକଙ୍କ ନିକଟତର ହୋଇଛନ୍ତି । ଏଥିପାଇଁ ଭାସ୍କର ନିଜକୁ ସର୍ବଦା ବିଜୁ ଜନତା ଦଳର ଜଣେ କର୍ମୀ ବୋଲି ସମ୍ବୋଧିତ କରିଥାନ୍ତି। ବିଭିନ୍ନ ସମୟରେ ବିରୋଧୀ ଦଳ ବିଭିନ୍ନ ମିଥ୍ୟା ଆରୋପ ତାଙ୍କ ନାମରେ ଛନ୍ଦି ବଦନାମ କରି ରାଜନୀତିରେ ଆଗେଇ ଆସିବାକୁ ଚେଷ୍ଟା ଚଳାଇଛନ୍ତି ବୋଲି ଭାସ୍କର ରାଓ କହିଛନ୍ତି । ସେସବୁକୁ ଖାତିର ନ କରି ଭାସ୍କର ସର୍ବଦା ବିଜେଡି ପାଇଁ କାର୍ଯ୍ୟ କରିବା ସହ ଜିଲାବାସୀଙ୍କ ସେବା ଜାରି ରଖିଥିବେ ବୋଲି କହିଛନ୍ତି। ଭାସ୍କର ରାଓଙ୍କୁ ଜିଲାର କେଉଁ ଦାୟିତ୍ୱ ମିଳୁଛି ବୋଲି ସେ ନେଇ ପଚାରିବାରୁ ସେ ଦଳର ନେତା ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତିରେ ଅନୁପ୍ରାଣିତ ହୋଇ ସର୍ବଦା ବିଜେଡି ପାଇଁ କାମ କରିବେ। ନବୀନ ତାଙ୍କୁ ଯେଉଁ ଗୁରୁଦାୟିତ୍ୱ ଦେବେ ତାକୁ ସେ ସୁଚାରୁରୂପେ ପାଳନ କରିବେ ବୋଲି କହିଛନ୍ତି । ଏଥିସହିତ ନବୀନଙ୍କ ନେତୃତ୍ୱରେ ଆଗାମୀ ସାଧାରଣ ନିର୍ବାଚନରେ ଜିଲା ୩ ବିଧାନସଭା ଆସନ ଓ କୋରାପୁଟ ଲୋକ ସଭା ଆସନ ପୁଣି ଥରେ ବିଜେଡି ଦଖଲ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଭାସ୍କର ରାଓ ।

**ଗଞ୍ଜେଇ ଚାଲାଣବେଳେ ୩ ଗିରଫ**

ଜୟପୁର, (ନି.ପ୍ର.): ଗଞ୍ଜେଇ ଚାଲାଣବେଳେ ଜୟପୁର ସଦର ପୋଲିସ ଚଢ଼ାଉ କରି ନବରଙ୍ଗପୁର ଜିଲା ଧଣ୍ଡରା ଗ୍ରାମର ଅଭୟ ହରିଜନ (୨୧), ବୋରିଗୁମ୍ମା ଥାନା ପୋଡାଗୁଡା ଗ୍ରାମର ରଘୁନାଥ ହରିଜନ (୨୩) ଓ ମାଲକାନଗିରି ଜିଲା ତବଲାଗୁଡ଼ା ଗ୍ରାମର ଗୁରୁମୂର୍ତ୍ତି ହନ୍ତାଳ (୨୦)ଙ୍କୁ ଗିରଫ କରିଛି। ସ୍କୁଟିରେ ଜଡମ୍ବା ଗ୍ରାମରୁ ୩୩ କେଜି ଗଞ୍ଜେଇ ଆଣି ଅଭିଯୁକ୍ତମାନେ ଚାଲାଣ କରୁଥିଲେ। ପୋଲିସ ଗଞ୍ଜେଇ ସହ ସ୍କୁଟି ଓ ୨ଟି ମୋବାଇଲ ଜବତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

# ପ୍ରକାଶ ପାଇଲା ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ ପରୀକ୍ଷାଫଳ

ନବରଙ୍ଗପୁର,୩୧।୫(ବି.ପ୍ର.)

ଚଳିତ ବର୍ଷର ଯୁକ୍ତ ୨ ବାଣିଜ୍ୟ, ବିଜ୍ଞାନ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ କୋରାପୁଟ ଜିଲାରେ ବାଣିଜ୍ୟ ୭୦.୫% ଓ ବିଜ୍ଞାନ ୭୦.୮% ପାସ୍ ହାର ରହିଛି। ନବରଙ୍ଗପୁର ଜିଲାରେ ବିଜ୍ଞାନ ବିଭାଗରେ ହାରାହାରି ୭୫.୪୯% ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ସେହିଭଳି ଜିଲାରେ ବାଣିଜ୍ୟରେ ମୋଟ ପାସ୍ ହାର ୭୨.୩୮% ରହିଛି।

ନବରଙ୍ଗପୁର ଜିଲାରେ ବିଜ୍ଞାନରେ ମୋଟ ୧୭୩୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୭୧୮ ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୩୨୫ ଜଣ ପାସ୍ କରିଥିବା ବେଳେ ୨ୟରେ ୪୫୫ ଓ ୩ୟ ଶ୍ରେଣୀରେ ୫୧୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିଭଳି କମ୍ପାର୍ଟମେଣ୍ଟାଲରେ ୭ ଜଣ ଏପରି ମୋଟ ୧୨୯୭ ଜଣ ପାସ୍ କରିଛନ୍ତି। ସେହିପରି ଭାବେ ବାଣିଜ୍ୟରେ ମୋଟ ୩୪୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୪୪ ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୬୭ ଜଣ ପାସ୍ କରିଥିବାବେଳେ ୨ୟ ଶ୍ରେଣୀରେ ୬୧ ଓ ୩ୟ ଶ୍ରେଣୀରେ ୧୨୧ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏପରିଭାବେ ମୋଟ ବାଣିଜ୍ୟରେ ୨୪୯ ଜଣ ଛାତ୍ରୀଛାତ୍ର ସଫଳତା ପାଇଛନ୍ତି। ବିଜ୍ଞାନରେ ନବରଙ୍ଗପୁର ମହାବିଦ୍ୟାଳୟର ଆଦିଶ ଜେନ ମୋଟ ୬୦୦ ମାର୍କରୁ ୫୨୫ ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି।

**ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୦୫ ପାସ୍**

ଡାବୁଗାଁ, (ଡି.ଏନ୍.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଜିଲା ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ବର୍ଷ +୨ ବିଜ୍ଞାନରେ ବିଦ୍ୟାଳୟରୁ ୧୦୭ ଜଣ ଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୦୫ ପାସ୍ କରିଛନ୍ତି। ଏଥିରେ ୧୨ ଜଣ ପ୍ରଥମ, ୩୦ ଜଣ ୨ୟ ଓ ୩ୟ ଶ୍ରେଣୀରେ ୬୩ ଜଣ ଛାତ୍ରୀ ପାସ୍ କରିଛନ୍ତି। ବିଦ୍ୟାଳୟରେ ୯୮.୧୩ ପ୍ରତିଶତ ପରୀକ୍ଷା ଫଳ ହୋଇଥିବା ଅଧ୍ୟକ୍ଷା କିରଣମାଳା ତିର୍କୀ କହିଛନ୍ତି। ସେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଙ୍କୁ ଧନ୍ୟବାଦ ଓ ଶୁଭେଚ୍ଛା ଜଣାଇଛନ୍ତି। ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର ଉକ୍ତ ପରୀକ୍ଷାଫଳରେ ସନ୍ତୋଷ ବ୍ୟକ୍ତକରି ଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସଫଳତା କାମନା କରିଛନ୍ତି। ଛାତ୍ରୀମାନେ ବିଦ୍ୟାଳୟ ଅଧ୍ୟକ୍ଷା, ଶିକ୍ଷୟିତ୍ରୀ ଶିକ୍ଷକ, ପରିଚାଳନା କମିଟି ଓ ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଛନ୍ତି। ବିଦ୍ୟାଳୟର ଛାତ୍ରୀ ମୀନା ମେହେର। ୪୪୮ ନମ୍ବର ରଖି ସ୍କୁଲରେ ପ୍ରଥମ ହୋଇଛନ୍ତି।


ମୀନା ମେହେର।

**ବିଜ୍ଞାନରେ ଗୁରୁକୃପାରୁ ସମସ୍ତେ ପାସ୍**

ଉମରକୋଟ, (ସ୍ୱ.ପ୍ର.): ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ଗୁରୁକୃପା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶତ ପ୍ରତିଶତ ପାସ୍ ହାର ରହିଛି। ବିଜ୍ଞାନ ବିଭାଗର ୩୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୭ ଜଣ ପ୍ରଥମ, ୧୧ ଜଣ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀରେ ୯ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସୁଶ୍ରୀ ଶ୍ରେୟା ପାଣିଗ୍ରାହୀ ୪୬୧(୭୭%) ନମ୍ବର ରଖି ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି।


ସୁଶ୍ରୀ ଶ୍ରେୟା

## ଟାଲେଣ୍ଟ କଲେଜର ଶତ ପ୍ରତିଶତ ସଫଳତା

### ପ୍ରଥମ ସ୍ଥାନରେ ୧୯୬ ଛାତ୍ରୀଛାତ୍ର

କୋରାପୁଟ,୩୧।୫(ସ୍ୱ.ପ୍ର.)


ଆଦିତନୟା ମହାନ୍ତି


ସୋଲନୀ ଚୌଧୁରୀ

ଚଳିତ ବର୍ଷ ପ୍ରକାଶ ପାଇଥିବା ଯୁକ୍ତ୨ ବିଜ୍ଞାନ ପରୀକ୍ଷାରେ କୋରାପୁଟସ୍ଥିତ ଟାଲେଣ୍ଟ ମହାବିଦ୍ୟାଳୟ ଶତ ପ୍ରତିଶତ ସଫଳତା ହାସଲ କରିଛି। ଚଳିତ ବର୍ଷ ମହାବିଦ୍ୟାଳୟର ସମୁଦାୟ ୨୪୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଛାତ୍ରୀ ଆଦିତନୟା ମହାନ୍ତି ୫୪୭ ମାର୍କ (୯୧.୧୬%) ଓ ସୋଲନୀ ଚୌଧୁରୀ ୫୪୦ ମାର୍କ (୯୦%) ପ୍ରତିଶତ ରଖିଛନ୍ତି। ୨୪୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୯୬ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ପାସ୍ ହୋଇଛନ୍ତି। ସେହିପରି ଦ୍ୱିତୀୟ ଶ୍ରେଣୀରେ ୪୪ ଜଣ ଓ ତୃତୀୟ ଶ୍ରେଣୀରେ ୨ ଜଣ ଛାତ୍ରୀଛାତ୍ରଙ୍କ ଉତ୍ତୀର୍ଣ୍ଣ ହୋଇଥିବା ଜଣାଯାଇଛି। ଗୁଣାତ୍ମକ ଶିକ୍ଷାଦାନ ବ୍ୟବସ୍ଥା, ଉତ୍ତମ ପରିବେଶ, ଶୃଙ୍ଖଳିତ ସୁପରିଚାଳନା ଓ ଛାତ୍ରୀଛାତ୍ରଙ୍କର ଆନ୍ତରିକ ଶିକ୍ଷା ଗ୍ରହଣ ଦ୍ୱାରା ଏପରି ସଫଳତା ମିଳିପାରିଛି ବୋଲି ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ମାନସ ରଞ୍ଜନ ପଟ୍ଟନାୟକ କହିଛନ୍ତି। ସେ ସମସ୍ତ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

**ପେଣ୍ଡ୍ରାଣୀ କଲେଜରେ ବିଜ୍ଞାନରେ ୫୨%, ବାଣିଜ୍ୟରେ ୭୭%**

ଉମରକୋଟ, (ସ୍ୱ.ପ୍ର.): ପେଣ୍ଡ୍ରାଣୀ ମହାବିଦ୍ୟାଳୟ ବିଜ୍ଞାନ ବିଭାଗରେ ୧୨୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୪ ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ପାସ୍ ହାର ୫୨ ପ୍ରତିଶତ ରହିଛି। ୯ଜଣ ପ୍ରଥମ, ୧୧ ଜଣ ଦ୍ୱିତୀୟ ଓ ୪୪ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶ୍ରୁତି ଦଳେଇ ୪୧୧ନମ୍ବର ରଖି କଲେଜରେ ପ୍ରଥମ ହୋଇଛନ୍ତି। ସେହିଭଳି ପେଣ୍ଡ୍ରାଣୀ ମହାବିଦ୍ୟାଳୟର ବାଣିଜ୍ୟରେ ୬୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୭ଜଣ ପାସ୍ ହୋଇଛନ୍ତି। ୭୭ ପ୍ରତିଶତ ପାସ୍ ହାର ରହିଛି। ୧୯ ଜଣ ପ୍ରଥମ, ୬ ଜଣ ଦ୍ୱିତୀୟ ଓ ୨୨ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ଆୟୁଷ କୁମାର ଅଗ୍ରୱାଲ ୪୯୨ ନମ୍ବର ରଖି ପ୍ରଥମ ହୋଇଛନ୍ତି।

**ବିଜ୍ଞାନରେ ମାନସୀ ପ୍ରଥମ**

ଜୟପୁର,(ନି.ପ୍ର.): ଜୟପୁର ସରକାରୀ ମହିଳା ହାୟରସେକେଣ୍ଡରୀ ସ୍କୁଲ (ମହିଳା ମହାବିଦ୍ୟାଳୟ)ରୁ ବିଜ୍ଞାନରେ ୧୦୬ଜଣ ପିଲା ପରୀକ୍ଷା ଦେଇଥିବାବେଳେ ମାତ୍ର ୧୫ଜଣ ପିଲା ପାସ୍ ହୋଇଛନ୍ତି। ୭ଜଣ ପ୍ରଥମ, ୭ଜଣ ଦ୍ୱିତୀୟ ଓ ଜଣେ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ୪୯୬ ମାର୍କ ଆଣି ମାନସୀ ସିଂ କଲେଜ ଟପ୍ପର ହୋଇଛନ୍ତି। ସୂଚନା ଯୋଗ୍ୟ ସରକାରୀ ମହିଳା ମହାବିଦ୍ୟାଳୟରେ ନିୟମିତ ତଥା ସ୍ଥାୟୀ ଅଧ୍ୟାପକ କେହି ନଥିବା ବେଳେ ଅତିଥି ଅଧ୍ୟାପକଙ୍କ ଦୟାରେ ବିଜ୍ଞାନ ବିଭାଗ ଚାଲିଛି। ଏହି ସ୍ଥିତିରେ ୧୫ଜଣ ପିଲା ନିଜସ୍ୱ ପ୍ରଚେଷ୍ଟାରେ ପାସ୍ କରିବା ବଡ଼ ବୋଲି ଅଭିଭାବକ କହିଛନ୍ତି। ରାଜ୍ୟସରକାର ଏବେ ଏହି ହାୟରସେକେଣ୍ଡରୀ ସ୍କୁଲ ପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

**ବିଜ୍ଞାନରେ ଶୁଭଶ୍ରୀ, ବାଣିଜ୍ୟରେ ଅଜିତ୍ ପ୍ରଥମ**

ଜୟପୁର,(ନି.ପ୍ର.): ଜୟପୁର ବିକ୍ରମ ଦେବ ହାୟର ସେକେଣ୍ଡରୀ ସ୍କୁଲରେ ବିଜ୍ଞାନରେ ଶୁଭଶ୍ରୀ ମହାପାତ୍ର , ବାଣିଜ୍ୟରେ ଅଜିତ ପଣ୍ଡା ପ୍ରଥମ ହୋଇଛନ୍ତି। ବିଜ୍ଞାନରେ ୩୨୪ଜଣ ପରୀକ୍ଷା ଦେଇଥିଲେ। ପ୍ରଥମ ଶ୍ରେଣୀରେ ୮୬, ଦ୍ୱିତୀୟରେ ୭୩ ଓ ତୃତୀୟ ଶ୍ରେଣୀରେ ୩୨ଜଣ ପାସ୍ କରିଛନ୍ତି। ବିଜ୍ଞାନରେ ଶୁଭଶ୍ରୀ ମହାପାତ୍ର ୫୪୦ମାର୍କ ରଖି ପ୍ରଥମ ହୋଇଛନ୍ତି। ଶୁଭଶ୍ରୀ ଭବିଷ୍ୟତରେ ଆଇଆଇଟି ପାଇବା ଲକ୍ଷ୍ୟ ରଖିଛନ୍ତି। ବାଣିଜ୍ୟରେ ୨୫୪ଜଣ ପରୀକ୍ଷା ଦେଇଥିବାବେଳେ ପ୍ରଥମ ଶ୍ରେଣୀରେ ୯୭, ଦ୍ୱିତୀୟରେ ୩୯ଜଣ, ତୃତୀୟ ଶ୍ରେଣୀରେ ୬୬ଜଣ ଏଭଳି ୨୦୨ଜଣ ପାସ୍ କରିଛନ୍ତି। ବାଣିଜ୍ୟରେ ଅଜିତ ପଣ୍ଡା ୫୩୬ ମାର୍କ ଆଣି କଲେଜ ଟପ୍ପର ହୋଇଛନ୍ତି।

## ତମାଖୁମୁକ୍ତ ଭାରତ ଗଠନ କରିବାକୁ ଆହ୍ୱାନ



ବୈଠକରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

ଜୟପୁର, ୩୧।୫ (ନି.ପ୍ର.)

ଜଗଧାତ୍ରୀପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଡାକ୍ତର ସିଦ୍ଧାନ୍ତ ନାୟକ ଉପସ୍ଥିତ ରହି ସଚେତନ କରିଥିଲେ। ଯୁବ ଗୋଷ୍ଠୀଙ୍କ ଉପରେ ଏହାର କୁପ୍ରଭାବ ଉପରେ ସଚେତନ କରାଯାଇଥିଲା। ତମାଖୁ ଦ୍ୱାରା କଣ ସବୁ ରୋଗ ହୋଇପାରେ ଓ ଲୋକେ କିପରି ମୃତ୍ୟୁ ମୁଖରେ ପଡୁଛନ୍ତି ସେ ନେଇ ସଚେତନ କରାଯାଇଥିଲା। ତମାଖୁ ମୁକ୍ତ ଭାରତର ଗଠନ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ, ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନାବାଳିକା ମୃତ

**ବିଦ୍ୟୁତ୍ ବିଭାଗ ଖାମଖିଆଲ ନୀତିକୁ ଦାୟୀ କରି କ୍ଷତିପୂରଣ ଦାବି**

ପଟ୍ଟାଙ୍ଗି, ୩୧।୫(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅଧୀନ ପୁକାଲି ପଞ୍ଚାୟତର ଦୋରାସହିର ଜଣେ ନାବାଳିକା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ମୃତକ ହେଲେ ହନ୍ତାଳ ପଟାନାଙ୍କ ଝିଅ ସନ୍ଧ୍ୟା (୮)। ପରିବାର ଲୋକେ ବିଦ୍ୟୁତ୍ ବିଭାଗକୁ ଦାୟୀ କରି ବିକ୍ଷୋଭ ପ୍ରଦର୍ଶନ କରିବା ସହ କ୍ଷତିପୂରଣ ଦାବି କରିଛନ୍ତି। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଛନ୍ତି। ସନ୍ଧ୍ୟା ନିଜ ଘର ପାଖରେ ଖେଳୁଥିବା ସମୟରେ ୧୧ କେଭି ବିଦ୍ୟୁତ ସଂଯୋଗ ହୋଇଥିବା ଷ୍ଟେ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ଘଟଣା ସ୍ଥଳରେ ସେ ଅଚେତ ହୋଇପଡ଼ିଥିଲେ। ପରିବାର ଓ ସାହି ବାସିନ୍ଦା ଷ୍ଟେ ତାରରେ ଛନ୍ଦି ହୋଇ ରହିଥିବା ସନ୍ଧ୍ୟାଙ୍କୁ ଉଦ୍ଧାର କରି ପୁକାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ଡାକ୍ତରଖାନାରେ ଉତ୍ତେଜନା ଦେଖାଦେଇଥିଲା। ଏହାପରେ ପରିବାର ଲୋକେ ବିଦ୍ୟୁତ ବିଭାଗର ଖାମଖିଆଲି ନୀତି ଯୋଗୁ ଝିଅର ମୃତ୍ୟୁ ହୋଇଥିବା ଅଭିଯୋଗରେ ପଟ୍ଟାଙ୍ଗି ସଦରସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀଙ୍କୁ ଘେରିବା ସହ କ୍ଷତିପୂରଣ ଦାବି କରିଥିଲେ। ଏହି ସମୟରେ ଖବରପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଲିଖିତ ଅଭିଯୋଗ ଦେବା ପରେ ଘଟଣା ସମ୍ପର୍କରେ ବୁଝାଯିବ ବୋଲି ପୋଲିସ କହିବା ପରେ ଉତ୍ତେଜିତ ପରିବାର ସଦସ୍ୟ ବିଭାଗର ଯନ୍ତ୍ରୀ ଓ କର୍ମଚାରୀଙ୍କୁ ଛାଡିଥିଲେ।

## ଦେଶୀ ଡଙ୍ଗା ବୁଡ଼ି ଯୁବକଙ୍କ ମୃତ୍ୟୁ

- ଶଶୁର ଘରୁ ଫେରିବାବେଳେ ଝଡ଼ ପବନରେ ଓଲଟିଥିଲା ଡଙ୍ଗା
- ୨ ଦିନ ପରେ ମୃତଦେହ ଉଦ୍ଧାର

ନନ୍ଦପୁର, ୩୧।୫ (ଡି.ଏନ୍.ଏ.)

ପାତାଳୀ ନଦୀରେ ବୁଧବାର ଜଣେ ଯୁବକଙ୍କ ମୃତଦେହ ଭାସବାନ ଅବସ୍ଥାରେ ମମାଛ ଧରାଳିଙ୍କୁ ମିଳିଥିଲା। ମୃତକ ହେଲେ ଅତଣ୍ଡା ଗ୍ରାମର କାନ୍ଥ ପେଟିଆ(୩୮)। ଖବରପାଇ ପରିବାର ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଅଗ୍ନିଶମ ବାହିନୀ ନଦୀରୁ ମୃତଦେହ ଜବତ କରିଛନ୍ତି।

ସୂଚନାନୁଯାୟୀ, ଦୁଇ ଦିନ ତଳେ ଦେଶୀ ଡଙ୍ଗା ନେଇ ପରିବାର ସହ ଏକ ଦଶାହ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଶଶୁର ଘର ଲୁଗୁମ ଗ୍ରାମକୁ ଯାଇଥିଲେ କାନ୍ଥ ପେଟିଆ(୩୮)। ସେଠାରୁ ସ୍ତ୍ରୀ ପିଲାଙ୍କୁ ଆଗୁଆ ଅତଣ୍ଡା ପଠାଇ ଦେଇଥିଲେ। ସନ୍ଧ୍ୟାରେ ଏକାକୀ ଫେରୁଥିବା ସମୟରେ ପବନ ବର୍ଷାରେ ପାତାଳୀ ନଦୀ ତଥା ଜୋଲାପୁଟ ରିଜର୍ଭର ଲୁଗୁମ ଘାଟରେ ଡଙ୍ଗାଟି ବୁଡ଼ି ଯାଇଥିଲା। ପରିବାର ଲୋକେ ଲୁଗୁମ ଗ୍ରାମରେ ଥିବେ ଭାବି ଚୁପ ରହିଥିବା ବେଳେ ବୁଧବାର ନଦୀରୁ ଯୁବକଙ୍କ ମୃତଦେହ ଓ ଡଙ୍ଗା ମିଳିଛି। ସ୍ତ୍ରୀ ନୟନଙ୍କ ଏତଲା କ୍ରମେ ପାଡୁଆ ଥାନାରେ ଅପମୃତ୍ୟୁ ମାମଲା ୧୨/ ୨୩ରେ ରୁଜୁ କରାଯାଇଛି। ପାଡୁଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ନନ୍ଦପୁର ଅଗ୍ନିଶମ ବାହିନୀ ଏଲଏଫ୍ଏମପି ଆର ପାତ୍ରଙ୍କ ନେତୃତ୍ୱରେ ଡି.କେ.ବିଶି, ପି. ରିସାନ, ଏମ୍.କେ ମୁଦୁଲି, ଠାକୁର ବାବୁ, ଚାଳକ ଏ ଲାକ୍ରା ଆପଦମିତ୍ରଙ୍କ ଉପସ୍ଥିତିରେ ମୃତଦେହ ଓ ଡଙ୍ଗା ଉଦ୍ଧାର କରାଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇ ଥିବା ଥାନାଧିକାରୀ ସବ୍ୟସାଚୀ ଶତପଥୀ ସୂଚନା ଦେଇଛନ୍ତି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ତହସିଲଦାର ନରସିଂହ ଗାଦବା କହିଛନ୍ତି।

## ନଦୀ ପଠାରୁ ଯୁବତୀଙ୍କ ମୃତଦେହ ଜବତ

ରାଇଘର, ୩୧।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ଥାନା ଅଧୀନ ଦେବଗାଁ ପଞ୍ଚାୟତର କୁରବେଲା ଗ୍ରାମ ନିକଟସ୍ଥ ନଦୀ ପଠାରୁ ଜଣେ ଯୁବତୀଙ୍କ ମୃତଦେହ ମିଳିଛି। ନଦୀକୁ ଗାଧେଇବାକୁ ଯାଇଥିବା କେତେଜଣ ବ୍ୟକ୍ତି ମୃତଦେହ ଦେଖି ରାଇଘର ପୋଲିସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ରାଇଘର ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ସାଇଣ୍ଟିଫିକ୍ ଦଳ ଘଟଣା ସ୍ଥଳରେ ପହଞ୍ଚିଛି। ମୃତ ଯୁବତୀଙ୍କ ପରିଚୟ ମିଳି ପାରିନାହିଁ। ପୋଲିସ ଏହାର ଅଧିକ ତଦନ୍ତ କରୁଛି।

## ୩ ରଥ ଛେରା ପହଁରା କରିବେ ସ୍ଥାନୀୟ ଆଦିବାସୀ

- କୋରାପୁଟ ଶାବର ଶ୍ରୀକ୍ଷେତ୍ରର ୫୧ତମ ରଥଯାତ୍ରା
- ସୁଭଦ୍ରାଙ୍କ ରଥ ଟାଣିବେ କେବଳ ମହିଳା

କୋରାପୁଟ,୩୧।୫(ସ୍ୱ.ପ୍ର.)


ବୈଠକରେ ଅତିଥି ଓ ଅନ୍ୟମାନେ।

କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ଚଳିତ ବର୍ଷ ୫୧ତମ ରଥଯାତ୍ରା ପାଳନ ନେଇ ବୁଧବାର ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ସଂପାଦକ ଡଃ ଜଗବନ୍ଧୁ ସାମଲ, ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି, କୋରାପୁଟ ମ୍ୟୁନିସପାଲଟି ଅଧ୍ୟ ଲଲାଟ ରଞ୍ଜନ ସେଠୀ, କୋରାପୁଟ ଉପଜିଲାପାଳ ବେଣୁଧର ଶବର, ଡିଆଇପିଆର୍‌ଓ ସ୍ୱରାଜ୍ୟ ଶିଶା, ଜିଲା ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ କୁମାର ଦାସ, ଏସଡିପିଓ ମନୋଜ କୁମାର ପୁଜାରୀ, କୋରାପୁଟ ଟାଉନ ଥାନାଧିକାରୀ ଧୀରେନ ପଟ୍ଟନାୟକଙ୍କ ସମେତ ମନ୍ଦିର ପରିଚାଳନା କମିଟି ସମସ୍ତ ସଦସ୍ୟ ଖବରଦାତା ସମସ୍ତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମା ସୁଭଦ୍ରାଙ୍କ ରଥ କେବଳ ଝିଅ ଓ ମହିଳାମାନେ ଟାଣିବେ ବୋଲି ବୈଠକରେ ନିଷ୍ପତି ହୋଇଛି। ସେହିପରି ମହାପ୍ରଭୁ ଜଗନ୍ନାଥଙ୍କ ରଥକୁ ରଙ୍ଗବାଲି କୁମ୍ଭା ଗ୍ରାମର ଦାସୀ ନାୟକ ଛେରାପହଁରା କରିବେ। ସୁଭଦ୍ରା ଓ ବଳଭଦ୍ରଙ୍କ ରଥ ମଧ୍ୟ ସ୍ଥାନୀୟ ଅଦିବାସୀମାନେ ଛେରାପହଁରା କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ପୂର୍ବରୁ ପ୍ରଚଳିତ ସମସ୍ତ ପାରମ୍ପରିକ ପୂଜା ପଦ୍ଧତି ଅନୁଯାୟୀ ଆସନ୍ତା ୪ ତାରିଖରେ ଶାବର ଶ୍ରୀକ୍ଷେତ୍ରରେ ଦେବସ୍ନାନ ପୂର୍ଣ୍ଣିମା, ଜୁନ ୧୯ରେ ନେତ୍ରୋତ୍ସବ ଓ ନବ ଯୌବନ ଦର୍ଶନ ଓ ଜୁନ ୨୦ରେ ରଥଯାତ୍ରା ହେବ। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ବୈଠକରେ ଅତିରିକ୍ତ ଜିଲାପାଳ କହିଛନ୍ତି। ସେହିପରି ରଥଯାତ୍ରା ସମୟରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମହାପ୍ରସାଦ ମାନ ଉପରେ ବିଶେଷ ଧ୍ୟାନ ଦେବା ପାଇଁ ଜୟପୁର ବିଧାୟକ ବାହିନିପତି ପ୍ରକାଶ କରିଥିଲେ। ରଥଯାତ୍ରା ସମୟରେ ବଡଦାଣ୍ଡ ଓ ଗୁଣ୍ଡିଚା ମନ୍ଦିର ଅଞ୍ଚଳରେ ପରିମଳ, ସ୍ୱଚ୍ଛତା ଅବଲମ୍ବନ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି।

## ଛପର ଢାଙ୍କିବାକୁ ବୃଦ୍ଧାଙ୍କୁ ମିଳୁନି ପଲିଥିନ୍

ଉମରକୋଟ, ୩୧।୫(ଡି.ଏନ୍.ଏ.)



ଗରୀବ ଲୋକଙ୍କ ପାଇ ମାଲମାଲ ଯୋଜନା। କିନ୍ତୁ ପ୍ରକୃତ ହିତାଧିକାରୀଙ୍କ ପାଇଁ ସରକାରୀ ଯୋଜନା ସାତ ସପନ ହୋଇ ରହିଛି। ପରିଣତ ବୟସରେ ୨ ଅସହାୟ ଗରିବ ମହିଳା ମୁଣ୍ଡ ଗୁଞ୍ଜିବା ପାଇଁ ଖଣ୍ଡେ ଜରି ପ୍ରଶାସନ ଯୋଗାଇ ପାରୁନାହିଁ । ଏଭଳି ଘଟଣା ଉମରକୋଟ ପୋରାଞ୍ଚଳ ୱାର୍ଡ ନମ୍ବର ୧ରେ ଦେଖିବାକୁ ମିଳିଛି। ଏଠାରେ ରହୁଥିବା ଦୁଇ ଅସହାୟ ବୃଦ୍ଧାଙ୍କୁ ମିଳିପାରିନାହିଁ ଭଙ୍ଗା କୁଡ଼ିଆ ଢାଙ୍କିବା ପାଇଁ ଖଣ୍ଡିଏ ଜରି। ଦୁଇ ମହିଳା ସମ୍ପର୍କରେ ମା ଓ ଝିଅ। ସେମାନେ ହେଲେ ମା ଉପାସି ମାଳି (୮୦) ଓ ଝିଅ ସୁମନୀ ମାଳି (୬୫)।

୧ନଂ. ୱାର୍ଡରେ ଅନେକ ବର୍ଷ ହେଲା ରହି ଆସୁଛନ୍ତି। କିଛି ବର୍ଷ ପୂର୍ବରୁ ଉଭୟଙ୍କ ସ୍ୱାମୀଙ୍କର ମୃତ୍ୟୁ ହୋଇଥିଲା। ନିଜର ରୋଜଗାର ନ ଥିବାବେଳେ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ପାଉଥିବା ଚାଉଳ ଓ ବିଧବା ଭତାରେ ଗୁଜୁରାଣ ମେଣ୍ଟେ। ବର୍ତ୍ତମାନ ଏମାନେ ଯେଉଁ ଝିଙ୍କର ଛପର ମାଟି କୁଡ଼ିଆରେ ରହୁଛନ୍ତି ସେହି ଘରେ ହଜାରେ କଣା ରହିଛି। ଅଦିନିଆ ବର୍ଷାରେ ନାନା ହଇରାଣ ହେଉଥିବା ବେଳେ ଆଗକୁ ବର୍ଷା ଋତୁ ଆସୁଛି। ଏହି ଦୁଇ ବୃଦ୍ଧାଙ୍କୁ ଜରି ଖଣ୍ଡିଏ ଲେଖାଏ ଯୋଗାଇ ଦେବାକୁ ରାଜସ୍ୱ ନିରୀକ୍ଷକଙ୍କୁ ବାରମ୍ବାର ଫୋନ କଲେ ମଧ୍ୟ ସେ ଉଠାଉ ନାହାନ୍ତି । କିନ୍ତୁ ଧୀନ ଶ୍ରେଣୀର ଲୋକେ ଜାଗା ମାପିବା ପାଇଁ କହିଲେ ଅବିଳମ୍ବେ ସେଠାରେ ପହଞ୍ଚି ଯାଉଛନ୍ତି। କାରଣ ଜାଗା ମାପିଲେ ଟଙ୍କା ମିଳୁଥିବା ନେଇ ଅଭିଯୋଗ କରିଛନ୍ତି ୱାର୍ଡ ନଂ. ୧ର ସମାଜିକ କର୍ମୀ ସତ୍ୟ ନାରାୟଣ ରାଉତ। ରାଜସ୍ୱ ନିରୀକ୍ଷକ ଘଟଣା ସମ୍ପର୍କରେ ଅତିରିକ୍ତ ତହସିଲଦାର ଉମେଶ ପୂଜାରୀଙ୍କୁ ଏ ନେଇ ପଚାରିବାରୁ ଗୁରୁବାର ଉକ୍ତ ଦୁଇ ମହିଳାଙ୍କ ନିକଟକୁ ପଲିଥିନ୍ ପଠାଇ ଦିଆଯିବ ବୋଲି କହିଛନ୍ତି। ରାଜସ୍ୱ ନିରୀକ୍ଷକ ଶିବାନନ୍ଦ ରାଉତଙ୍କୁ ପଚାରିବାରୁ ବୃଦ୍ଧା ମହିଳାମାନଙ୍କୁ ଅଫିସ ଆସି ଜରି ନେବାକୁ କହିଥିଲି। କେହି ଆସି ନାହାଁନ୍ତି, ତେଣୁ ସେମାନଙ୍କୁ ପଲିଥିନ୍ ମିଳିନି। ଗୁରୁବାର ପଲିଥିନ୍ ଦିଆଯିବ ବୋଲି ସେ କହିଛନ୍ତି। ଟଙ୍କା ପାଇଁ ଜାଗା ମାପ ଚୁପ କଥାକୁ ସେ ଖଣ୍ଡନ କରିଛନ୍ତି। ଦୁଇ ବୃଦ୍ଧାଙ୍କୁ ଗୁରୁବାର ପଲିଥିନ୍ ଦିଆଯିବ ବୋଲି ତହସିଲଦାର ଉମେଶ ପୂଜାରୀ କହିଛନ୍ତି।

## ଜୟନ୍ତୀଗିରି ସ୍କୁଲ ରୂପାନ୍ତରଣ ନେଇ ବୈଠକ


ବିଧାୟକଙ୍କ ସହ ବୈଠକରେ ସାମିଲ ହୋଇଥିବା ଅନ୍ୟମାନେ।

ଜୟପୁର, ୩୧।୫ (ନି.ପ୍ର.)

ଜୟପୁର ବ୍ଲକ ଅଧୀନ ଜୟନ୍ତୀଗିରିସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ୫-ଟି ହାଇସ୍କୁଲ ରୁପାନ୍ତରୀକରଣ ନେଇ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଦର୍ଶ ୫ଟି ବିଦ୍ୟାଳୟ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ପାଇଁ ଏହି ବିଦ୍ୟାଳୟ ଯେପରି ଉଦାହରଣ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ କହିଥିଲେ। ଏହା ସହ ଅନ୍ୟ ସ୍ଥାନରେ ନୂତନ ବିଦ୍ୟାଳୟ କୋଠା ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜୟପୁର ବ୍ଲକ ଅଧ୍ୟକ୍ଷା ତିଳୋତ୍ତମା ମୁଦୁଲି, ସହକାରୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁବାଳା ମୁନି ପ୍ରମୁଖ ଉପସ୍ଥିତ ଥିଲେ ।

# ବର୍ଗୀକରଣ ଓ ପଦୋନ୍ନତି ପାଇଁ ସ୍ପଷ୍ଟୀକରଣ ମିଳୁନି

## ଦ୍ୱନ୍ଦ୍ୱରେ ଶିକ୍ଷା ବିଭାଗ, ଆଶଙ୍କାରେ ଶିକ୍ଷକ

ନବରଙ୍ଗପୁର,୩୧।୫(ବି.ପ୍ର.)

ପଦୋନ୍ନତି ଓ ସ୍ୱଳ୍ପ ଦରମା ଶିକ୍ଷକଙ୍କ ଅସନ୍ତୋଷର କାରଣ ଥିଲା। ଭିନ୍ନ ଭିନ୍ନ ଶିକ୍ଷକ ସଙ୍ଗଠନର ବିଭିନ୍ନ ପ୍ରକାର ସ୍ୱାର୍ଥ ସମ୍ବଳିତ ଦାବି ଏଥିରେ ପ୍ରତିବନ୍ଧକ ରୂପେ ଠିଆ ହେଉଥିଲା। ସି.ଟି., ବିଏଡ୍ ହିସାବ ନ ଛିଡ଼ି ଏକ ବିବଦମାନ ପରିସ୍ଥିତି ସୃଷ୍ଟି ହେଲା । ଶିକ୍ଷକ ସଂଘ ଆନ୍ଦୋଳନ ପରେ ୨୦୧୯ରେ ଏକ ସାନି ସଂକଳ୍ପ ପାରିତ ହେଲା, ଯେଉଁଥିରେ ୧୯୯୭ରେ ଶିକ୍ଷା ବିଭାଗ ନିୟମର ସଂଶୋଧନ ହୋଇ ସବୁ ବର୍ଗକୁ ଯଥାର୍ଥ ହେଲା ଭଳି ନିୟମ ପ୍ରଚଳିତ ହେଲା। ପରବର୍ତ୍ତୀ ସମୟରେ ସେହି ଶିକ୍ଷକମାନେ ନିନ୍ଦିତ ହେଲେ କାରଣ ସେଥିରେ ସି.ଟି. ଓ ବିଏଡ୍‌ର କୌଣସି ପାର୍ଥକ୍ୟ ନ ଥିଲା। ସମସ୍ତ ଶିକ୍ଷକଙ୍କୁ ଲେଭଲ-୫(ଏ)ରେ ରଖି ସେପ୍ଟେମ୍ବର ୨୦୨୦ରେ ନୂତନ ନିର୍ଦ୍ଦେଶାବଳୀ ଅନୁସାରେ ଲେଭଲ-୫(ବି)କୁ ପଦୋନ୍ନତି ହେଲା। ୨୦୨୧ରେ ନଭେମ୍ବରରେ ଲେଭଲ-୫(ବି)ର ଶିକ୍ଷକଙ୍କୁ ଲେଭଲ-୪କୁ ପଦୋନ୍ନତି ଦିଆଗଲା। ପ୍ରାୟ ୧୦ମାସର ଅନ୍ତରରେ ଦୁଇ ଦୁଇଟା ପଦୋନ୍ନତି ୨୦୨୧ ସୁଦ୍ଧା ସମ୍ଭବ ହୋଇପାରିଲା। ତେବେ ୨୦୨୩ରେ ତୃତୀୟ ପଦୋନ୍ନତି ବେଳକୁ ପ୍ରଶାସନ ଅଜ୍ଞାତ କାରଣରୁ ପ୍ରକ୍ରିୟାକୁ ଜାଣିଶୁଣି ମନ୍ଥର କରୁଥିବା ଶିକ୍ଷକମାନେ କହିଛନ୍ତି।

ପ୍ରଥମରୁ ରେସିଡେନ୍ସି ଅବଧି ବା ଏକ ନିର୍ଦ୍ଦିଷ୍ଟ ଲେଭଲରେ ଶିକ୍ଷକମାନେ ନିର୍ଦ୍ଧାରିତ ସମୟ ଅବଧି ପାଇଁ କାର୍ଯ୍ୟ କରିଥିଲେ ହିଁ ସେମାନେ ପରବର୍ତ୍ତୀ ସ୍ତରକୁ ପଦୋନ୍ନତି ପାଇପାରିବେ ବୋଲି ଥିବା ନିୟମକୁ ସରକାର ବିଳମ୍ବ କରିଥିଲେ। ଏହାପରେ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥା ଧାର୍ଯ୍ୟ କରାଗଲା। ତଦନୁସାରେ ୨୦୨୩ ମାର୍ଚ୍ଚ ୨ ସୁଦ୍ଧା ପଦୋନ୍ନତି ପାଇଁ ସମ୍ଭାବିତ ଶିକ୍ଷକଙ୍କ ତାଲିକା, ୨୦୨୩ ଏପ୍ରିଲ ୧୫ ସୁଦ୍ଧା ଚୂଡ଼ାନ୍ତ ତାଲିକା, ୨୦ତାରିଖରୁ ମେ ୧୫ ମଧ୍ୟରେ ଜିଲାସ୍ତରୀୟ ପଦୋନ୍ନତି କମିଟି (ଡିଏଲ୍‌ପିସି) ଗଠନ ପାଇଁ ନିର୍ଦ୍ଦେଶ ରହିଥିଲା। ଏପ୍ରିଲ ୨୫ରୁ ମେ ୨୦ ମଧ୍ୟରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଦ୍ୱାରା ଜିଲାସ୍ତରରୁ ପ୍ରେରିତ ପ୍ରସ୍ତାବକୁ ଗୃହୀତ କରିବା ନିମନ୍ତେ ସମୟ ଧାର୍ଯ୍ୟ କରାଯାଇଥିଲା। ଜୁନ୍ ୧ ତାରିଖରୁ ଶିକ୍ଷକମାନେ ଅବସ୍ଥାପିତ ହେବା ନେଇ ସ୍ଥିର କରାଯାଇଥିଲା। ଚଳିତ ବର୍ଷର ପଦୋନ୍ନତି ପ୍ରକ୍ରିୟାରେ ପ୍ରଥମରୁ ରେସିଡେନ୍ସି ଅବଧି କିଛି ପୁରୁଣା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସୁହାଇଲା ଭଳି ପଦୋନ୍ନତି କରିବା ପାଇଁ କୋର୍ଟର ସାହାରା, ବୃତ୍ତିଗତ ପାସ୍ ସାର୍ଟିଫିକେଟ ତାରିଖ ସହ ଯଦି ନିଜ ଶିକ୍ଷାଗତ ଦକ୍ଷତା ବଢ଼ାଇଛନ୍ତି ତେବେ ଉପରିସ୍ଥ ଅଧିକାରୀଙ୍କ ନିକଟରୁ ଅନୁମତି ନେଇଛନ୍ତି କି ନାହିଁ, ଓଟିଇଟି ଉତ୍ତୀର୍ଣ୍ଣ ହେବା ତାରିଖ ଓ ଶେଷରେ ପଦୋନ୍ନତିରେ ସଂରକ୍ଷଣ ଭଳି ଦ୍ୱନ୍ଦ୍ୱ ଉପୁଜିଲା। ଦୁର୍ଭାଗ୍ୟର ବିଷୟ ଶିକ୍ଷକଙ୍କ କୌଣସି ତଥ୍ୟ ବିଭାଗ ନିକଟରେ ନାହିଁ। ଶିକ୍ଷକଙ୍କ ଶିକ୍ଷାଗତ ପ୍ରମାଣପତ୍ର, ନିଯୁକ୍ତି ତଥ୍ୟ, କେଉଁ ଜାତି ଆଧାରରେ ଚାକିରି ପାଇଛନ୍ତି ଯାହା ସର୍ଭିସ୍ ବୁକ୍‌ରେ ରହିବା କଥା। କିନ୍ତୁ ତାହା ଏକ ଲିଖିତ ପ୍ରହସନ ହୋଇ ପଡ଼ିଛି। ନେତୃ ସ୍ଥାନୀୟ ବ୍ୟକ୍ତିଙ୍କ ଅଯୌକ୍ତିକ ମତ ଉପସ୍ଥାପନ ହେଉ କି ପ୍ରଶାସନିକ ଅପାରଗତା ଏଥିରେ ବାରମ୍ବାର ଦ୍ୱନ୍ଦ୍ୱ ଉପୁଜୁଛି। ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ପଚାରିଲେ ପ୍ରକ୍ରିୟା ଚାଲୁ ରହିଛି ବୋଲି କହୁଛନ୍ତି। ପ୍ରକ୍ରିୟା ବିଳମ୍ବିତ ହେବ ଦ୍ୱାରା କିଛି ବେଆଇନ କାର୍ଯ୍ୟ ଆଶଙ୍କା କରୁଛନ୍ତି ଶିକ୍ଷକମାନେ। ନବରଙ୍ଗପୁର ଜିଲାରେ ପ୍ରଥମରୁ ଏକ କୋର୍ଟ ନିର୍ଦ୍ଦେଶକୁ ନେଇ ଛକାପଞ୍ଝା ଲାଗିଥିବାବେଳେ ପରେ ଓଟିଇଟିକୁ ନେଇ ଚାଞ୍ଚଲ୍ୟ ଖେଳିଯାଇଥିଲା। ଶିକ୍ଷା ବିଭାଗର ବିଳମ୍ବ ଯୋଗୁ ଶିକ୍ଷକ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ବିଭିନ୍ନ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ, ତାଲିମପ୍ରାପ୍ତ ଶିକ୍ଷକଙ୍କ ଅଭାବ, ଡ୍ରପ୍ ଆଉଟ ବୃଦ୍ଧି, ଶିକ୍ଷାର ମାନ ହ୍ରାସ ଭଳି ସମସ୍ୟା ବିଳମ୍ବିତ ପଦୋନ୍ନତି ଶିକ୍ଷା ବିଭାଗର ସମସ୍ୟାକୁ ଆହୁରି ଜଟିଳ କରୁଛି। ଜୁନ୍‌ରେ ସ୍କୁଲ ଖୋଲିବାକୁ ଥିଲାବେଳେ ନୂତନ ପଦରେ ଯୋଗଦେବାକୁ ଥିବା ଶିକ୍ଷକ ଓ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମସ୍ୟା ବଢ଼ିବ। ନବରଙ୍ଗପୁର ଭଳି ଏକ ଜିଲାରେ ଶିକ୍ଷାର ମାନ ବୃଦ୍ଧି କରିବା ନିହାତି ଜରୁରୀ ଥିବାବେଳେ କେଉଁ ପରିସ୍ଥିତିରେ ପଦୋନ୍ନତି ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି ତାହା ସର୍ବସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଡିଇଓ ପ୍ରଦୀପ ନାଗଙ୍କୁ ପଚାରିବାରୁ ୨୦୧୧ ପରବର୍ତ୍ତୀ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀ ଶିକ୍ଷକ ଓଟିଇଟି ପରୀକ୍ଷା ଉତ୍ତୀର୍ଣ୍ଣ ହୋଇଛନ୍ତିକି ନାହିଁ, ସେମାନେ ପଦୋନ୍ନତି ପାଇବେ କି ନାହିଁ ତାହା ସ୍ପଷ୍ଟ ହୋଇପାରୁନାହିଁ। ଅନ୍ୟପକ୍ଷରେ ଶିକ୍ଷା ବିଭାଗ ନିୟମ ଅନୁଯାୟୀ ପଦୋନ୍ନତି ଦେବାରେ ସେହିଭଳି କିଛି ଉଲ୍ଲେଖ ନାହିଁ। ସ୍ପଷ୍ଟୀକରଣ ମଗାଯାଇଥିବାରୁ ବିଳମ୍ବ ଘଟୁଛି ବୋଲି କହିଛନ୍ତି।

